# ୩୬ ଲକ୍ଷ ପୁରସ୍କାର ଘୋଷିତ ୮ ମାଓବାଦୀଙ୍କ ସହ ୧୪ ଗିରଫ



ମାଲକାନଗିରି, ୨୫।୧ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ବିଜାପୁର ଜିଲାର ବିଭିନ୍ନ ଅଞ୍ଚଳ ଟେକମେଟଲା, ନଡପଲ୍ଲୀ ଓ ମଲ୍ଲେମପେଟା ଜଙ୍ଗଲ ଅଞ୍ଚଳରୁ ୩୬ ଲକ୍ଷ ପୁରସ୍କାର ଘୋଷିତ ୮ ମାଓବାଦୀଙ୍କ ସହ ୧୪ ଜଣଙ୍କୁ ଜିଲା ପୋଲିସ ଗିରଫ କରିଛି। ଏଥିସହ ସ୍ୱାଇକ୍ ଏବଂ ଜମି ଖୋଳିବା ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ଏହି ଗିରଫରେ ବିଜାପୁର ଜିଲା ଡିଆର୍‌ଜି ବାହିନୀ, ଅସୁର ଥାନା, ୨୦୫, ୨୧୦ କୋବ୍ରା ବାହିନୀ, ପ୍ରମୁଖ ସୁରକ୍ଷା କର୍ମୀମାନଙ୍କ ମିଳିତ ଉଦ୍ୟମରେ ଗିରଫ କରାଯାଇଛି । ତେବେ ମାଓବାଦୀ ବୀରୋଧୀ ଅଭିଯାନରେ ଟେକ୍‌ମେଟଲା, ନଡପଲ୍ଲୀ ଓ ମଲ୍ଲେମପେଟା ଅଭିମୁଖେ ଏହି ଯବାନମାନେ କୋମ୍ବିଂକୁ ବାହାରିଥିବା ବେଳେ ଏହି ଅଭିଯାନରେ ମଲ୍ଲେମପେଟା, ନଡପଲ୍ଲୀ ଜଙ୍ଗଲରୁ ୧୪ଜଣ ହାଡକୋର ମାଓବାଦୀଙ୍କୁ ଗିରଫ କରିଥିଲେ। ଗିରଫ ମାଓବାଦୀଙ୍କ ମଧ୍ୟରୁ ୮ ଲକ୍ଷ ପୁରସ୍କାର ଘୋଷିତ କମଲି କୋଡମ, ଫୈଟେ ସୋଡି, ଜୋଗି ସୋଡି, ରାଜି ସୋଡି, ୧ ଲକ୍ଷ ପୁରସ୍କାର ଘୋଷିତ ଦେବା ମଡକମ୍, କେସା ମାଡବି, ଲିଙ୍ଗା କୋହରମ, ଏକଲକ୍ଷ ପୁରସ୍କାର ଘୋଷିତ ହୁଙ୍ଗା କୁମଙ୍କ ସହ ଜଗା ମଡକମ୍, ହୁରା ମଡକମ୍, ସୋମଡା ମଡକମ୍, ରାମା ମାଡବି, ହୁଙ୍ଗା ମାଡବି ଓ ସୁକା ମାଡବିଙ୍କୁ ଗିରଫ କରିଛନ୍ତି। ଏଥିସହ ଜଙ୍ଗଲରେ ଲୁଚାଇ ରଖିଥିବା ୨୩ କାଠ ଓ ୮ ଲୁହା ସ୍ୱାଇକ୍, କାଠରେ ତିଆରି ଜମି ଖୋଳିବା ଅସ୍ତ୍ର ଜବତ କରିଛନ୍ତି। ଏମାନେ ୨୦୨୨, ୨୦୨୪ ଓ ୬।୧।୨୫ ଦିନ ସ୍ୱାଇକ୍ ବୋମା ଲଗାଇବା ଘଟଣାରେ ସାମିଲ ଥିଲେ। ଏମାନଙ୍କ ନାମରେ ମାମଲା ରୁଜୁପରେ କୋର୍ଟଚାଲାଣ କରାଯାଇଛି।

## ମହିଳା ମାଓବାଦୀଙ୍କ ସହ ୪ ଗିରଫ

ମାଲକାନଗିରି, ୨୫।୧ (ଦୁର୍ଯ୍ୟୋଧନ ପାତ୍ର)



ଛତିଶଗଡ ସୁକ୍‌ମା ଜିଲା ପୋଲିସ ୩ ଲକ୍ଷ ପୁରସ୍କାର ଘୋଷିତ ମହିଳା ମାଓବାଦୀଙ୍କ ସହ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ୨ ଲକ୍ଷ ପୁରସ୍କାର ଘୋଷିତ ମହିଳା ମାଓବାଦୀ ମଡକମ୍ ପାଣ୍ଡେ, ୧ ଲକ୍ଷ ପୁରସ୍କାର ଘୋଷିତ ମାଡବି ମଙ୍ଗଡୁ, ମିଡିୟମ ଜୋଗା ଓ ସୋଡି କେସା ।

ଏମାନେ ପିକ୍‌ଅପ୍ ଭ୍ୟାନରେ ସାମଗ୍ରୀ ଲୁଟମାର ଓ ଅନ୍ୟାନ୍ୟ ଘଟଣାରେ ସାମିଲ ଥିବା ଜଣାପଡିଛି। ସୁକ୍‌ମା ଜିଲା ଡିଆର୍‌ଜି ଓ ମହିଳା ବସ୍ତର ଫାଇଟର୍ସ ମିଳିତ ଭାବେ ଦୁଲେଡ ଗ୍ରାମ ନିକଟ ଉକ୍ତ ଜଙ୍ଗଲରେ ଜଙ୍ଗଲରେ ମାଓବାଦୀ ଥିବା ଖବର ପାଇ କୋମ୍ବିଂ ସମୟରେ ଜଙ୍ଗଲ ନିକଟ ପାହାଡ ଅଞ୍ଚଳ ଜମି ହିଡ ନିକଟରେ କେତେକ ବ୍ୟକ୍ତିଙ୍କୁ ସନ୍ଦେହଜନକ ଅବସ୍ଥାରେ ଦେଖିବାକୁ ପାଇଥିଲେ। ଉକ୍ତ ବ୍ୟକ୍ତିମାନେ ପୋଲିସକୁ ଦେଖି ଲୁଚିବା ଓ ଫେରାର ହେବା ପାଇଁ ଚେଷ୍ଟା କରୁଥିବା ସମୟରେ ଯବାନମାନେ ୪ ଜଣଙ୍କୁ ଗିରଫ କରିଥିଲେ। ସେମାନଙ୍କ ମଧ୍ୟରୁ ୨ ଲକ୍ଷ ପୁରସ୍କାର ଘୋଷିତ ମହିଳା ମାଓବାଦୀ ମଡକମ୍ ପାଣ୍ଡେ, ୧ ଲକ୍ଷ ପୁରସ୍କାର ଘୋଷିତ ମାଡବି ମଙ୍ଗଡୁ, ମିଡିୟମ ଜୋଗା ଓ ସୋଡି କେସା । ଏହି ୪ ଜଣ ୨୦୨୪ରେ ଦୁଲେଡ କ୍ୟାମ୍ପକୁ ଯାଉଥିବା ପିକ୍‌ଅପ୍ ଭ୍ୟାନ୍‌ରେ ଥିବା ସାମଗ୍ରୀ ଲୁଟି ନେବା ଓ ଗାଡିକୁ ନିଆଁ ଲଗାଇ ଧ୍ୱଂସ କରିବା ଘଟଣାରେ ସାମିଲ ଥିଲେ। ସୁକ୍‌ମା ପୋଲିସ ଦ୍ୱାରା ଏମାନଙ୍କ ନାମରେ ମାମଲା ରୁଜୁକରି ଶନିବାର କୋର୍ଟ ଚାଲାଣ କରାଯାଇଛି ।

## ମାଓବାଦୀ ନେତା ଚଲପତିଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଶ୍ରୀକାକୁଲମରେ ସମ୍ପନ୍ନ

ମାଲକାନଗିରି, ୨୫।୧ (ଦୁର୍ଯ୍ୟୋଧନ ପାତ୍ର)



ବରିଷ୍ଠ ମାଓବାଦୀ ନେତା ଓଡିଶା ଦାୟିତ୍ୱରେ ଥିବା ସଂଗଠନର ମୁଖ୍ୟ ଚଲପତିଙ୍କ ଅନ୍ତେଷ୍ଟିକ୍ରୟା ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା ପାଲାସା ବ୍ଲକ ଅନ୍ତର୍ଗତ ବଡାପାଡୁଠାରେ ସମ୍ପନ୍ନ ହୋଇଛି। ତାଙ୍କର ଶ୍ୱଶୁର ତଥା ମାଓବାଦୀ ନେତ୍ରୀ ଅରୁଣାଙ୍କ ବାପା ଲକ୍ଷ୍ମଣ ରାଓ ରାୟପୁର ଯାଇ ଚିହ୍ନଟ କରି ଚଲପତିଙ୍କ ମୃତଦେହକୁ ବଡାପାଡୁ ଆଣିଥିଲେ। ସେଠାରେ ସିପିଆଇର ବହୁ ନେତା ଏବଂ ଆମାରା ବିରୁଲା ବନ୍ଧୁ ପରିବାର ସଂଘର ଶତାଧିକ କର୍ମୀ ଯୋଗ ଦେଇଥିଲେ। ଏକ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରିବା ପରେ ମାଓବାଦୀ ଓ ସିପିଆଇଙ୍କ ଝଣ୍ଡାରେ ରଙ୍ଗ କପଡା ଘୋଡାଇ ତାଙ୍କର ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଥିଲା। ଏଥିରେ ବହୁ ମାଓ ସମର୍ଥକ ଯୋଗ ଦେଇଥିବା ବେଳେ ପୋଲିସ ପକ୍ଷରୁ ମଧ୍ୟ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ମଙ୍ଗଳବାର ଓଡିଶା ଓ ଛତିଶଗଡ ପୋଲିସ ଓ ମାଓବାଦୀଙ୍କ ମଧ୍ୟର ହୋଇଥିବା ଗୁଳି ବିନିମୟରେ ଚଲପତି ନିହତ ହୋଇଥିଲେ। ତାଙ୍କ ନାମରେ ୪ ରାଜ୍ୟ ଓଡିଶା, ତେଲେଙ୍ଗାଣା, ଆନ୍ଧ୍ରପ୍ରଦେଶ ଓ ଛତିଶଗଡରେ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ତେବେ ଚଲପତି ଓଡିଶାର ବହୁ ମାଓବାଦୀ ହିଂସାରେ ଯୋଡି ହୋଇଥିବା ବେଳେ ଓଡିଶା ପୋଲିସର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ଥିଲେ।

## କାଲିମେଲା ବଜାରରେ ଏଟିଏମ୍ ଲୁଟ୍ ଉଦ୍ୟମ ବିଫଳ

କାଲିମେଲା, ୨୫।୧ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଲା ୩୨୬ ନଂ. ଜାତୀୟ ରାଜପଥ ସଦର ବ୍ଲକ୍ କାର୍ଯ୍ୟାଳୟ ନିକଟରେ ଥିବା ଏସ୍‌ବିଆଇ ଏଟିଏମ୍ ଭାଙ୍ଗି ଲୁଟ ଉଦ୍ୟମ ହୋଇଥିବା ଜଣାପଡ଼ିଛି । ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍ ଉଦ୍ୟମ କରିଛନ୍ତି। ଏହି ଉଦ୍ୟମ ଫେଲ୍ ମାରିବା ପରେ ଦୁର୍ବୃତ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏଥିସହ ବ୍ଲକ୍ ସମ୍ମୁଖରେ ରାସ୍ତାକଡରେ ଥିବା ଗୋଟିଏ ମୋବାଇଲ କମ୍ପ୍ୟୁଟର ଦୋକାନ ଏବଂ ଅନ୍ୟ ଏକ ଜେରକ୍ସ ଦୋକାନରେ ମଧ୍ୟ ତାଲା ଭାଙ୍ଗି ମୋବାଇଲ ସାମଗ୍ରୀ ଦୁର୍ବୃତ୍ତମାନେ ଚୋରି କରିନେଇଥିବା ଜଣାପଡ଼ିଛି । ଏଟିଏମ୍ ନିକଟରେ ଥିବା ଗୃହର କାଚ ଭାଙ୍ଗି ଦେଇଥିବା ବେଳେ ଦୁର୍ବୃତ୍ତମାନେ ଏଟିଏମ୍‌ରୁ ଟଙ୍କା ବାହାର କରିପାରିନାହାନ୍ତି। କାଲିମେଲା ପୋଲିସ ଘଟଣାର ତଦନ୍ତ କରି ଫେରିଥିବା ବେଳେ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରିବା ପରେ ଲୁଟ ହୋଇଛି କି ନାହିଁ ତାହା ଜଣାପଡିବ । ଏଟିଏମ୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍ ଏବଂ କାଲିମେଲା ବଜାରରେ ବିଭିନ୍ନ ଦୋକାନରେ ଲାଗିଥିବା କ୍ୟାମେରା ଫୁଟେଜକୁ ପୋଲିସ ଯାଞ୍ଚ କରୁଛି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ୨ୟ ଥର ପାଇଁ ଭାଜପା ଜିଲା ସଭାପତି ହେଲେ ଅଶୋକ ପରିଡ଼ା

ମାଲକାନଗିରି, ୨୫।୧ (ଦୁର୍ଯ୍ୟୋଧନ ପାତ୍ର)



ମାଲାକନଗିରି ଜିଲା ଭାଜପା ଜିଲା ସଭାପତି ପଦବୀ ନିମନ୍ତେ କଳ୍ପନା ଜଳ୍ପନା ଲାଗି ରହିଥିବା ବେଳେ ଶନିବାର ରାଜ୍ୟ ଭାଜପା ସଭାପତି ଭାବେ ଦ୍ୱିତୀୟ ଥର ଲାଗି ଅଶୋକ ପରିଡାଙ୍କୁ ମନୋନୀତ କରାଯାଇଛି। ଏଥିପୂର୍ବରୁ ଜିଲା ସଭାପତି ଭାବେ ନିମାଇଁ ପାଲ ଥିଲେ। ଦଳୀୟ କାର୍ଯ୍ୟାଳୟରେ ନେତା ଏବଂ କର୍ମକର୍ତ୍ତାମାନେ ପରିଡାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଜାତୀୟ ମତଦାତା ଦିବସ

ମାଲକାନଗିରି, ୨୫।୧ (ଦୁର୍ଯ୍ୟୋଧନ ପାତ୍ର)




ଜିଲା ପ୍ରଶାସନ ପକ୍ଷରୁ ସଦର ମହକୁମାରେ ୧୫ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ଏକ ୱାକାଥନ ଆୟୋଜନ କରାଯାଇଥିଲା। ଏହାକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ତଥା ଅତିରିକ୍ତ ନିର୍ବାଚନ ଅଧିକାରୀ ବେଦବର ପ୍ରଧାନ ଶୁଭାରମ୍ଭ କରିଥିଲେ। ସେହିପରି ସଂସ୍କୃତି ଭବନରେ ଜିଲାସ୍ତରୀୟ ଜାତୀୟ ଭୋଟର ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ସହକାରୀ ଜିଲାପାଳ (ନିର୍ବାଚନ) ଅଶୋକ ଚକ୍ରବର୍ତ୍ତୀ ଓ ସହକାରୀ ଜିଲାପାଳ (ନିର୍ବାଚନ) ଅଜୟ କୁମାର ମାଣ୍ଡାଙ୍ଗି ଉପସ୍ଥିତ ଥିଲେ। ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ରାଜସ୍ୱ ପ୍ରଧାନ ଜାତୀୟ ମତଦାତା ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଆଗାମୀ ଦିନରେ ସମସ୍ତ ମତଦାତା ଭୋଟ ଦାନକରି ନିଜ ଅଧିକାର ସାବ୍ୟସ୍ତ କରିବା ସହ ଗଣତନ୍ତ୍ରକୁ ସୁଦୃଢ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶ୍ରେଷ୍ଠ ଶିକ୍ଷଣ କ୍ଲବ, ଶ୍ରେଷ୍ଠ କ୍ୟାମ୍ପସ ଆମ୍ବାସଡାର୍ ଓ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିସହ ନୂତନ ଯୁବ ଭୋଟରମାନଙ୍କୁ ଭୋଟର ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଜାତୀୟ ମତଦାତା ଦିବସ ଶପଥ ପାଠ କରାଯାଇଥିଲା।

## ସ୍ତ୍ରୀଙ୍କୁ କାଟିରେ ମରଣାନ୍ତକ ଆକ୍ରମଣ, ସ୍ୱାମୀ ଗିରଫ

କୋରୁକୋଣ୍ଡା, ୨୫।୧ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଞ୍ଚାୟତ ଜବାଗଡ଼ ଗ୍ରାମରେ ସ୍ତ୍ରୀଙ୍କୁ କାଟିରେ ମରଣାନ୍ତକ ଆକ୍ରମଣ ଘଟଣାରେ ସ୍ୱାମୀ ଗିରଫ ହୋଇଛନ୍ତି। ଜବାଗଡ଼ ଗ୍ରାମରେ ବଳରାମ ବିଶୋଇ ସ୍ତ୍ରୀ ଲକ୍ଷ୍ମୀ ଏବଂ ୩ ଝିଅ ପୁଅଙ୍କ ସହ ରହୁଛନ୍ତି। ଗୁରୁବାର ରାତିରେ ପରିବାର ଲୋକେ ଖାଇସାରି ଶୋଇଥିଲେ। ରାତି ପ୍ରାୟ ୨/୩ଟା ରେ କୌଣସି କାରଣରୁ ବଳରାମ ଏକ ଧାରୁଆ କାଟି ଧରି ଲକ୍ଷ୍ମୀଙ୍କ ପିଠିକୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ପିଠିର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହେବା ସହିତ ରକ୍ତସ୍ରାବ ହୋଇଥିଲା। ସେ ଚିତ୍କାର କରିବାରୁ ତାଙ୍କୁ ଗ୍ରାମର କିଛି ଲୋକ ଉଦ୍ଧାର କରି ପୋଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ତାଙ୍କୁ ମାଲକାନଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏନେଇ ଲକ୍ଷ୍ମୀ ତାଙ୍କ ସ୍ୱାମୀ ବଳରାମଙ୍କ ବିରୋଧରେ ଏତଲା ଦେବା ପରେ ପୋଲିସ ନଂ.୩୨/୨୫ ରେ ଏକ ମାମଲା ରୁଜୁକରି ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ବଳରାମଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଆକ୍ରମଣରେ ବ୍ୟବହୃତ କାଟି ଜବତ ହୋଇଛି। ଆକ୍ରମଣର କାରଣ ଜଣାପଡି ନାହିଁ।

## ଜିଲାସ୍ତରୀୟ ମାସିକ ସମୀକ୍ଷା ବୈଠକ

କୋରାପୁଟ, ୨୫।୧ (ଅମିତାଭ ବେହେରା)



ବୈଠକରେ ଉପସ୍ଥିତ ଜିଲାପାଳ ଭି. କୀର୍ତ୍ତି ଭାସନ ଓ ଅନ୍ୟମାନେ।

କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ ପ୍ରକୋଷ୍ଠରେ ମାସିକ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଶିକ୍ଷାଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି, ସମସ୍ତ ବ୍ଲକ୍ ଶିକ୍ଷାଧିକାରୀ, ଗୁଣାତ୍ମକ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବର୍ଗର୍ତ୍ତି ଏବଂ ପ୍ରୋଗ୍ରାମର ଦେବାଶିଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଅପାର ଆଇଡି, ପରୀକ୍ଷା ଦର୍ପଣ, ନିପୁଣ ମେଳା ଆୟୋଜନ, ଆର୍ଥିକ ଗ୍ରାଣ୍ଟଗୁଡ଼ିକର ଉପଯୋଗ, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟଗୁଡ଼ିକର ପୁନରୁଦ୍ଧାର, ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶୈକ୍ଷିକ ଦିଗ ଉପରେ ଗୁରୁତ୍ୱ ଏବଂ ଉପଯୋଗ ପ୍ରମାଣପତ୍ରର ଜମା ଆଦି ଆଲୋଚନା ହୋଇଥିଲା। ପରୀକ୍ଷା ଦର୍ପଣ ମାଧ୍ୟମରେ ମାଟ୍ରିକ୍ ପରୀକ୍ଷା ପାଇଁ ପିଲାଙ୍କୁ ପ୍ରସ୍ତୁତି ଆରମ୍ଭ କରିବାକୁ ଜିଲାପାଳ ଭାସନ ନିର୍ଦ୍ଦେଶ ଦେଇଥିଲେ। ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ୨୭୩ କେଜି ଗଞ୍ଜେଇ ଜବତ ; ୨ ଅଭିଯୁକ୍ତ କୋର୍ଟ ଚାଲାଣ

ବୈପାରୀଗୁଡ଼ା, ୨୫।୧ (କଳ୍ପତରୁ ମହାନ୍ତି)



ବୈପାରୀଗୁଡ଼ା ପୋଲିସ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ୨ ଅଭିଯୁକ୍ତଙ୍କୁ ଗିରଫକରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ ଫରିଜାବାଦର ଦୀପକ କୁମାର ଓ ମନ୍ଦୀପ କୁମାର। ସେମାନଙ୍କ ଠାରୁ ୨୭୩ କେଜି ଗଞ୍ଜେଇ ଜବତ କରାଯାଇଛି। ଶୁକ୍ରବାର ୨ ଅଭିଯୁକ୍ତ ଏକ ଟ୍ରକ୍ (ୟୁପି ୮୩– ଡିଟି– ୧୨୮୭)ରେ ଗଞ୍ଜେଇ ଭର୍ତ୍ତିକରି ରାଜ୍ୟ ବାହାରକୁ ଯାଉଥିଲେ। ପ୍ରାୟ ୨କି.ମି ଦୂର କୁର୍ଲୁଗାଡ଼ ଛକ ନିକଟରେ ପୋଲିସ ସେମାନଙ୍କୁ କାବୁ କରିଥିଲା। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯାଇଥିଲା। ପୋଲିସ ଟ୍ରକ୍ ଓ ମୋବାଇଲ ଫୋନ୍ ଜବତ କରିଛି। ଏ ନେଇ ନଂ.୨୦/୨୫ରେ ଏକ ମାମଲା ରୁଜୁ ହୋଇଛି।

## ଏବିଭିପିର ତ୍ରିରଙ୍ଗା ଶୋଭାଯାତ୍ରା




ଛାତ୍ରୀଛାତ୍ର ତ୍ରିରଙ୍ଗା ଶୋଭାଯାତ୍ରାରେ ଯାଉଛନ୍ତି।

ସୁନାବେଡ଼ା, ସେମିଳିଗୁଡ଼ା, ୨୫।୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ସେମିଳିଗୁଡ଼ା ମହାବିଦ୍ୟାଳୟ ପରିସରରୁ ଆରମ୍ଭହୋଇ ସହର ପରିକ୍ରମା କରିବା ପରେ ନନ୍ଦପୁର ଦେଇ ମହାବିଦ୍ୟାଳୟରେ ଶେଷ ହୋଇଥିଲା। ଏଥିରେ ସେମିଳିଗୁଡ଼ା ଓ ସୁନାବେଡ଼ା ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ହାତରେ ତ୍ରିରଙ୍ଗା ଧରି ବିଭିନ୍ନ ଦେଶାତ୍ମବୋଧକ ସ୍ଲୋଗାନ୍ ଦେଇଥିଲେ। ସାରାଦେଶରେ ପାଳନ ହେବାକୁଥିବା ୭୬ତମ ସାଧାରଣତନ୍ତ୍ର ଦିବସକୁ ସହରବାସୀ ଶାନ୍ତି, ଉଲ୍ଲାସ ଓ ଶୃଙ୍ଖଳାରେ ପାଳନ କରିବାକୁ ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ଉଭୟ ମହାବିଦ୍ୟାଳୟର ଅଧାପିକା ଅଧାପକ ସହଯୋଗ କରିଥିଲେ।

## ଜାତୀୟ ସେମିନାର ଉଦ୍‌ଯାପିତ

ଜୟପୁର, ୨୫।୧ (ପବନ ପାଣିଗ୍ରାହୀ)

ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଶିକ୍ଷା ବିଭାଗର ଜାତୀୟ ସେମିନାର୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ଼ ମନୋରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିକଶିତ ଭାରତ ଗଠନରେ ଶିକ୍ଷକ ଶିକ୍ଷା ଶୀର୍ଷକ ନେଇ ସେମିନାରରେ ୫୭ ଗବେଷକ, ଅଧାପକ ଓ ଶିକ୍ଷାବିତ୍‌ମାନଙ୍କ ଦ୍ୱାରା ମୋଟ ୪୭ ସନ୍ଦର୍ଭ ଉପସ୍ଥାପନା କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଅତିଥି ଓ ପ୍ରଫେସରଙ୍କୁ ଉପଢୌକନ ଏବଂ ସ୍ମୃତି ଫଳକ ଦେଇ ସମ୍ମାନିତ କରାଯାଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର, ଏନସିଇଆରଟିର ପ୍ରାକ୍ତନ ନିର୍ଦ୍ଦେଶକ ଓ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରଫେସର ଡ଼ଃ ହୃଷୀକେଶ ସେନାପତି ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ରାଜ୍ୟ ପାଠ୍ୟକ୍ରମ ଆଧାରର ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶାଳୟର ଡ଼. ଗୋପାଳ ହାଲଦାର ଯୋଗ ଦେଇ ଶିକ୍ଷା ଓ ଶିକ୍ଷକ ଶିକ୍ଷାର ଭୂମିକା ସମ୍ବନ୍ଧରେ ଆଲୋଚନା କରିଥିଲେ। ୪ ଅଧିବେଶନକୁ ଡ଼. ଲତିକା ମିଶ୍ର, ପ୍ରଫେସର ଭରତ କୁମାର ପଣ୍ଡା, ପ୍ରଫେସର ବୃନ୍ଦାବନ ଚନ୍ଦ୍ର ମିଶ୍ର, ପ୍ରଫେସର ଦେବେନ୍ଦ୍ର କୁମାର ସେଠୀ,ଡ଼. ଦେବଦତ୍ତ ଇନ୍ଦୁରିଆ, ପ୍ରଫେସର ରାମକୃଷ୍ଣ ପ୍ରଧାନ,ଡ଼. ଆଦିତ୍ୟ କେଶରୀ ମିଶ୍ର,ଡ଼ ଯୁଗଳ କିଶୋର ମିଶ୍ର, ପ୍ରଫେସର ଆଦାମ ପାଉଲ୍ ପଟେଟି ଓ ଏନସିଆରଟିର ସହଯୋଗୀ ପ୍ରଫେସର ଡ. ଭାବଗ୍ରାହୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କବିତା ଆସର

କୋରାପୁଟ, ୨୫।୧ (ଅମିତାଭ ବେହେରା)

କୋରାପୁଟ ଜିଲାପ୍ରଶାସନ ଓ ସାହିତ୍ୟ ପରିବାରର ମିଳିତ ଆନୁକୂଲ୍ୟରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ପରିସରରେ ଏକ କବିତା ଆସର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ପ୍ରାଧାପକ ଡ଼ଃ ଜଗବନ୍ଧୁ ସାମଲଙ୍କ ଅଧ୍ୟକ୍ଷତାରେ ସାହିତ୍ୟ ପରିବାରର ସଭାପତି ଡା.ପ୍ରତିଧାରା ସାମଲ, କବି ଜଳଧର ସ୍ୱାଇଁ, କବି ନାରାୟଣ ପଣ୍ଡା, ପ୍ରାଧାପକ ଡ଼ଃ ଅମୁଲ୍ୟ କୁମାର ମହାପାତ୍ର, କବି, ପ୍ରାବନ୍ଧିକ ଓ ସାହିତ୍ୟିକ ପ୍ରମୁଖ ଯୋଗ ଦେଇଥିଲେ। ସାହିତ୍ୟ ଓ ବିଭିନ୍ନ କବିତା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ୪୦ କବିୟିତ୍ରୀ କବି କବିତା ପାଠ କରିଥିଲେ। ଆଧାପକ ରବି ଶତପଥି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



କବିତା ଆସରରେ ଉପସ୍ଥିତ କବୟିତ୍ରୀ ଓ କବି ।

## ‘ନିରପେକ୍ଷ ମତଦାନ ସୁଦୃଢ଼ ଗଣତନ୍ତ୍ରର ରକ୍ଷାକବଚ’

କୋରାପୁଟ, ୨୫।୧ (ଅମିତାଭ ବେହେରା)

କୋରାପୁଟ ସଂସ୍କୃତି ଭବନରେ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ, ସଚେତନତା ଶୋଭାଯାତ୍ରା ଓ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଯୋଗଦେଇ ନିରପେକ୍ଷ ମତଦାନ ସୁଦୃଢ଼ ଗଣତନ୍ତ୍ରର ରକ୍ଷାକବଚ ଓ ଯୁବ ଭୋଟର ଶାସନ କଳର ପ୍ରମୁଖ ଅଂଶୀଦାର ବୋଲି କହିଛନ୍ତି। କୋରାପୁଟ ଉପଜିଲାପାଳ ପ୍ରେମ୍‌ଲାଲ ହିଆଲ, ଡେପୁଟି କଲେକ୍ଟର(ନିର୍ବାଚନ) ଦେବେନ୍ଦ୍ର କୁମାର ରାଉତ, ସହକାରୀ ଉପଜିଲାପାଳ ସଂଯୁକ୍ତା ବା ଓ ତହସିଲଦାର ସୟଦ ସବିର ସାହା ପ୍ରମୁଖ ଯୋଗଦେଇଥିଲେ। ଭାରତୀୟ ଗଣତନ୍ତ୍ରରେ ଯୁବ ସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସମସ୍ତ ୫ ବିଧାନସଭା ନିର୍ବାଚନମଣ୍ଡଳୀର ଇଆରଓ,ଏଇଆରଓ,

### ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ

୧୦ ଶ୍ରେଷ୍ଠ ବୁଥ୍‌ସ୍ତରୀୟ ଅଧିକାରୀ, ୫ ଶ୍ରେଷ୍ଠ ବୁଥ୍‌ସ୍ତରୀୟ ପରିଦର୍ଶକ ଅଧିକାରୀ, ବିଭିନ୍ନ ପ୍ରତିଯୋଗିତାର ବିଚାରକ ଅବସରପ୍ରାପ୍ତ ଶିକ୍ଷକ ଜଳଧର ସ୍ୱାଇଁ, ମଧୁସୂଦନ ସ୍ୱାଇଁ, ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ସନ୍ତୋଷ କୁମାର ବେହେରା ଓ ଟୁବୁଲି ବେହେରାଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅଧାପକ ରବି ଶତପଥୀ ଓ କିଶୋର ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଞ୍ଚାନନ ମହାନ୍ତି, ଅନୁପମ ମହାରଣା, ଜି.ସନ୍ତୋଷ କୁମାର ରାଓ ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଦିବ୍ୟାଙ୍ଗ ସୁରେଶଙ୍କୁ ଘରେ ଭତ୍ତା ଦେବା ବ୍ୟବସ୍ଥା

■ ଧରିତ୍ରୀ ପ୍ରଭାବ

■ ହ୍ୱିଲ ଚେୟାର ଦେଲା ପ୍ରଶାସନ

ସୁନାବେଡା/ସେମିଳିଗୁଡା, ୨୫।୧ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡା ବିଏସ୍‌ଏସ୍‌ଓ ଟି. ସୁରଭି ଦିବ୍ୟାଙ୍ଗ ସୁରେଶଙ୍କ ଘରେ ପହଞ୍ଚି ସହାୟତାର ହାତ ବଢାଇ ଏକ ହ୍ୱିଲ ଚେୟାର ଦେଇଛନ୍ତି। ଏ ନେଇ ଗୁରୁବାର ଧରିତ୍ରୀରେ ‘ସରକାରୀ ସହାୟତା ଅପେକ୍ଷାରେ ସୁରେଶ’ ଖବର ଛାପିବା ପରେ ବ୍ଲକ୍ ପ୍ରଶାସନ ତତ୍ପର ହୋଇଛି। ଅଧିକାରୀ ସୁରେଶଙ୍କ ଗାଁରେ ପହଞ୍ଚି ସୁରେଶଙ୍କୁ ଏକ ହ୍ୱିଲ ଚେୟାର ପ୍ରଦାନ କରି ପ୍ରତି ମାସରେ ତାଙ୍କ ଭତ୍ତା ଟଙ୍କା ଘରେ ପହଞ୍ଚାଇବା ବ୍ୟବସ୍ଥା କରିଛନ୍ତି। ସୂଚନାଯୋଗ୍ୟ, ସେମିଳିଗୁଡା ବ୍ଲକ ପିତାଗୁଡା ପଞ୍ଚାୟତ ଅଧିନ ଚୋରି ମାଳିପୁଟ ଗାଁର ବାସ ଠାକୁର ନାୟକଙ୍କ ଭିନ୍ନକ୍ଷମ ପୁଅ ସୁରେଶ ନାୟକ(୨୨) ଜନ୍ମର ୩ ବର୍ଷ ପରେ ଚଲାବୁଲା କରିପାରୁ ନ ଥିଲେ। ସରକାର ତାଙ୍କୁ ୬୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ଦେଇଥିଲେ ସୁଦ୍ଧା ସେ ମାସିକ ଭତ୍ତା ଟଙ୍କା ପାଇଁ ଗାଁଠାରୁ ୧୦ କି.ମି ଦୂର ସେମିଳିଗୁଡା ବ୍ଲକ କାର୍ଯ୍ୟାଳୟକୁ ଯାଉଥିଲେ। ଏହାଦ୍ୱାରା ତାଙ୍କୁ ଅନେକ ସମୟରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ତେବେ ସୁରେଶଙ୍କ ବାପା କିଣି ଦେଇଥିବା ହ୍ୱିଲ ଚେୟାରରେ ଜୀବନ ବିତୁଥିବା ବେଳେ ତାହା ବହୁ ଦିନରୁ ଭାଙ୍ଗିରୁଜି ଯାଇଥିଲା। ହ୍ୱିଲ ଚେୟାର ପାଇଁ ଅନେକଥର ବ୍ଲକ୍ କାର୍ଯ୍ୟାଳୟକୁ ବାପା ଦୌଡୁଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳି ନ ଥିଲା।



ସେମିଳିଗୁଡା ବିଏସ୍‌ଏସ୍‌ଓ ଟି. ସୁରଭି ଦିବ୍ୟାଙ୍ଗ ସୁରେଶଙ୍କୁ ହ୍ୱିଲ୍ ଚେୟାର ଦେଉଛନ୍ତି ।

# ମୁକ୍ତ ହୃଦ୍‌ରୋଗ ଯାଞ୍ଚ ସ୍ୱାସ୍ଥ୍ୟ ଶିବିର

**ଉମରକୋଟ, ୨୫।୧ (ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲ୍ଲା ଉମରକୋଟରେ ଜେ.ପି.ଏଜୁକେସନାଲ୍ ଟ୍ରଷ୍ଟ ପକ୍ଷରୁ ଉମରକୋଟ ଏସ୍.ଏଲ୍.ଏନ୍. ପବ୍ଲିକ୍ ସ୍କୁଲରେ ଏକ ମୁକ୍ତ ହୃଦରୋଗ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ସଚେତନତା ଶିବିର ଆୟୋଜନ କରାଯାଇଛି। ଶିବିରକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ହୃଦ୍‌ରୋଗ ବିଶେଷଜ୍ଞ ଡକ୍ଟର ଚନ୍ଦନ ଦାସ, ଡକ୍ଟର ସୁରେନ୍ଦ୍ର ନାଥ ଦାସ, ଜେପି ଟ୍ରଷ୍ଟ ସଭାପତି ଜୟଦେବ କୁମାର ପରିଡ଼ା, ପ୍ରମୁଖ ଉପସ୍ଥିତ ଥିଲେ। ଡକ୍ଟର ଚନ୍ଦନ ଦାସ ହୃଦରୋଗର ବିଭିନ୍ନ କାରଣ ସମ୍ପର୍କରେ କହିଥିଲେ। ସତର୍କତା ଅବଲମ୍ବନ କଲେ ହୃଦ୍‌ରୋଗକୁ ରୋକା ଯାଇପାରିବ ବୋଲି ସେ କହିଥିଲେ। ମାନସିକ ଚାପ, ଉଚ୍ଚରକ୍ତଚାପ, ବ୍ଲଡ଼ ସୁଗାର, ତମାଖୁ ଓ ମଦ୍ୟପାନ, ତେଲ ଜାତୀୟ ଖାଦ୍ୟ ଓ ବ୍ୟାୟାମର ଅଭାବ ହୃଦ୍‌ରୋଗର କାରଣ। ଜେ.ପି.ଏଜୁକେସନାଲ୍ ଟ୍ରଷ୍ଟ ସଭାପତି ଜୟଦେବ ପରିଡ଼ା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଟ୍ରଷ୍ଟର ଉପାଧ୍ୟକ୍ଷ ରାଜଲକ୍ଷ୍ମୀ ପରିଡ଼ା, ରାଜ୍ୟ ଭାଜପା ସମ୍ପାଦକ ରମେଶ ଚନ୍ଦ୍ର ସାହୁ ମଞ୍ଚାସୀନ ଥିଲେ। ଡକ୍ଟର ଚନ୍ଦନ ଦାସ ଶିବିରରେ ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଜଣେ ୧୫ ବର୍ଷୀୟା ହୃଦରୋଗୀଙ୍କ ସହ ୧୫ ଜଣ ନୂଆ ରୋଗୀ ଡାଇବେଟିସ୍, ହାଇପର ଟେନସନ ଓ ହୃଦ୍‌ରୋଗୀ ଚିହ୍ନଟ ହେଇ ଥିବା ସୂଚନା ମିଳିଛି।

# ସୁଦୃଢ଼ ଗଣତନ୍ତ୍ର ବାର୍ତ୍ତା ନେଇ ଶୋଭାଯାତ୍ରା, ସଭା



ଶୋଭାଯାତ୍ରାକୁ ଅଧିକାରୀମାନେ ଉଦ୍‌ଘାଟନ କରୁଛନ୍ତି।

## ନବରଙ୍ଗପୁରରେ ଜାତୀୟ ମତଦାତା ଦିବସ

**ନବରଙ୍ଗପୁର, ୨୫।୧ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲା ପ୍ରଶାସନ ନିର୍ବାଚନ ଶାଖା ପକ୍ଷରୁ ଜାତୀୟ ମତଦାତା ଦିବସ ପାଳନ ହୋଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ବିଭିନ୍ନ କଲେଜ ଛାତ୍ରୀଛାତ୍ର, ବୁଥ୍‌ସ୍ତରୀୟ ଅଧିକାରୀ, ସରକାରୀ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ନେଇ ଏକ ଶୋଭାଯାତ୍ରା ବାହାରିଥିଲା। ଭୋଟର ସଚେତନତା ଓ ସୁଦୃଢ଼ ଗଣତନ୍ତ୍ର ସମ୍ପର୍କିତ ସ୍ଲୋଗାନ ଦେଇ ଶୋଭାଯାତ୍ରାଟି ମିଶନ ଶକ୍ତି ସମ୍ମିଳନୀ ଗୃହ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଏକ ସଭା କରାଯାଇଥିଲା। ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଡେପୁଟି କଲେକ୍ଟର ପି. ମନସ୍ୱିତା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ନୂଆ ଭୋଟରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଇଆର୍‌ଓ, ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ତହସିଲଦାର କୈଳାସ ତ୍ରିପାଠୀ, ଡେପୁଟି କଲେକ୍ଟର ଜ୍ୟୋତି ରଥ, ଡିଆଇପିଆର୍‌ଓ ମନୋଜ କୁମାର ବେହେରା, ନବରଙ୍ଗପୁର ବିଡିଓ ସୁନୀଲ ଖୁରା, ଏଡିଡବ୍ଲ୍ୟୁଓ ଭାରତ ଚନ୍ଦ୍ର ସାହୁ, ଅଧ୍ୟାପକ, ଶିକ୍ଷୟିତ୍ରୀଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ।

## ପ୍ରଲୋଭିତ ନ ହୋଇ ମତଦାନ କରିବା ଉଚିତ୍

### ୧୫ ତମ ଜାତୀୟ ମତଦାତା ଦିବସ ପାଳିତ

**ଡାବୁଗାଁ, ୨୫।୧ (ପ୍ରଜ୍ଞା ରଞ୍ଜନ ପରିଡା)**

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ପ୍ରଶାସନ ପକ୍ଷରୁ ୧୫ ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଶୋଭାଯାତ୍ରା ପୂର୍ବରୁ ଏକ ସଚେତନତା ସଭା କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ରମେଶ ଚନ୍ଦ୍ର ନାହାକଙ୍କ ଅଧ୍ୟକ୍ଷତାରେ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି. ପ୍ରସାଦ ଉପସ୍ଥିତ ଥିଲେ। ପ୍ରଲୋଭିତ ନ ହୋଇ ମତଦାନ କରିବା ଉପରେ ସେମାନେ ମତ ଦେଇଥିଲେ। ଏହାପରେ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଶୋଭାଯାତ୍ରା କରାଯାଇଛି। ଶୋଭାଯାତ୍ରା ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବିଡିଓ ଶରତ ମାଝୀ, ଅଧ୍ୟାପକ ନବୀନ ନାଗେଶ, ଲିପୁ ଚନ୍ଦ୍ର ମାଝୀ, ପଦମ ଭତ୍ରା, କୈଳାସ ମାଝୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଭାଲ୍ଲା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ସମସ୍ତ ଛାତ୍ରୀଛାତ୍ରଙ୍କୁ ନିର୍ଭୁଲ୍ ମତଦାନ କିପରି କରିହେବ ସେ ନେଇ ଶପଥ ପାଠ କରାଇଥିଲେ।



ଅଧିକାରୀମାନେ ଛାତ୍ରୀଛାତ୍ରଙ୍କୁ ଶପଥପାଠ କରାଉଛନ୍ତି।

# ପ୍ରଥମ ଦିନରେ କିଣାଗଲା ୧୬୧ କୁଇଣ୍ଟାଲ



ଚାଷୀ ମାନେ ମଣ୍ଡିରେ ମାଣ୍ଡିଆ ବିକ୍ରି କରୁଛନ୍ତି।

## ଝରିଗାଁ ବ୍ଲକରେ ମାଣ୍ଡିଆ ମଣ୍ଡି ଶୁଭାରମ୍ଭ

**ଝରିଗାଁ, ୨୫।୧ (କିଶୋର ଚନ୍ଦ୍ର ମଣ୍ଡଳ)**

ଶ୍ରୀ ଅନ୍ନ ଅଭିଯାନ ସହାୟତାରେ ଶନିବାର ସକାଳ ପ୍ରାୟ ୧୧ଟାରେ ଝରିଗାଁ ଆର୍ ଏମ୍‌ସି ଗୋଦାମ ପରିସରରେ ମାଣ୍ଡିଆ ମଣ୍ଡି ଏବଂ ଶ୍ରୀ ଅନ୍ନ ଅଭିଯାନ ସଚେତନ ରଥର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ସ୍ଥାନୀୟ କୃଷି ଅଧିକାରୀ ସୁନୀତା ସିଂ, ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଯମୁନା ଗଣ୍ଡ, ଲ୍ୟାମ୍ପ୍‌ସ ସଭାପତି ଲଛମା ଗଣ୍ଡ, ଟିଡିସିସିର ଆସିଷ୍ଟାଣ୍ଟ ମାର୍କେଟିଂ ଅଫିସର ସୁଶାନ୍ତ ମୁଦୁଲି, ଏ ଏମ୍‌ଓ ଗଜେନ୍ଦ୍ର ଗଣ୍ଡ, ଶ୍ରୀ ଅନ୍ନ ଅଭିଯାନ ବ୍ଲକ୍ ସଂଯୋଜକ ବିଭୂତି ଭୂଷଣ ସ୍ୱାଇଁ, ଅତିରିକ୍ତ ସଂଯୋଜକ ସ୍ନିଗ୍ଧା ଶୁଭଦର୍ଶିନୀ ସାହୁ, ହର୍ଷା ଟ୍ରଷ୍ଟ ସଂସ୍ଥାର ବିଜୟ କୁମାର ବେହେରା, ଅମିତ୍ କୁମାର ଢାଲି, ମନୋଜ କୁମାର ସାହୁ, ଶୁଭଶ୍ରୀ ନେଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏଜେନ୍ସି କର୍ମଚାରୀ ମାଣ୍ଡିଆର ଆର୍ଦ୍ରତା ଯାଞ୍ଚ କରିଥିଲେ। ପ୍ରଥମ ଦିନରେ ୨୫ ଜଣ ଚାଷୀଙ୍କଠାର ୧୬୧ କୁଇଣ୍ଟାଲ ମାଣ୍ଡିଆ କିଣାଯାଇଥିଲା। ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ପ୍ରଦାନ କରାଯିବ ବୋଲି ଶ୍ରୀ ଅନ୍ନ ଅଭିଯାନ ବ୍ଲକ୍ ସଂଯୋଜକ ବିଭୂତି ଭୂଷଣ ସ୍ୱାଇଁ କହିଛନ୍ତି।

# ମାଝୀଧନୁଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଅତିଥିଙ୍କ ସହ ଖେଳାଳିମାନେ ।

**କୋଷାଗୁମୁଡ଼ା, ୨୫।୧ (ପ୍ରସାଦ ବିଷୋୟୀ)**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ମାଝୀଧନୁଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ମାଝୀଧନୁଆ ସରପଞ୍ଚ ଦୟାରାମ ପୂଜାରୀ ମୁଖ୍ୟ ଅତିଥି, ଶାରୀରିକ ଶିକ୍ଷକ ଜଗଦୀଶ ପଟ୍ଟନାୟକ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥିଭାବେ ମୋ ସ୍କୁଲ ସଭାପତି ଦିନେଶ ପନକା ଓ ମାଝିଧନୁଆ କ୍ଲଷ୍ଟର୍ ସିଆର୍‌ସିସି ପାର୍ଥ ସାରଥୀ ସାହୁ ଯୋଗ ଦେଇଥିଲେ। ଆବାହକ ଖେଳ ଶିକ୍ଷକ ପରିଚାଳକ ସୁଦାମ ସେଠୀ ଏବଂ ପ୍ରସନ୍ନଜିତ୍ ମାଝୀ ଖେଳ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ସମୁଦାୟ ୨୮ ଟି କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ରବୀନ୍ଦ୍ର ପଟ୍ଟନାୟକ ଏବଂ ମଧୁସୂଦନ ସାହୁ କ୍ରୀଡ଼ା ପରିଚାଳନା କରିଥିଲେ। ଜୟରାମ କର, ମିତାଲି ମଧୁସ୍ମିତା ସାହୁ, ରନ୍ ବିଜୟ କୁମାର ରାମ, ସନ୍ତୋଷ କୁମାର କାଣ୍ଡି, ତ୍ରିଲୋଚନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ବିଦ୍ୟାଳୟର ଏସ୍‌ଏମ୍‌ସି ସଭାପତି ଲକମୁ ହଲବା ଧନ୍ୟବାଦ୍ ଦେଇଥିଲେ।

# ମା’ ବାରଭୁଜାଙ୍କ ମାଘ ଯାତ୍ରା

**ଧୋଡ୍ରା, ୨୫।୧ (ଗଣେଶ ଚନ୍ଦ୍ର ଛତ୍ର)**



ନବରଙ୍ଗପୁର ଜିଲା ଭଣ୍ଡାରିଗୁଡ଼ା ପଞ୍ଚାୟତ ଅଧୀନରେ ଥିବା ପୋଡ଼ାଗଡ଼ରେ ମାଘ ମାସରେ ବାରଭୁଜା ବାରଗାଡ଼ା ଦୂରଦାନି, ମା’ ଖମ୍ବେଶ୍ୱରୀ ଓ ଗାଦିମା ବାବା ଚାଉରିଆ ମନ୍ଦିରରେ ଫୁଲ ପିନ୍ଧନୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୂଜକ ଶ୍ରୀକୃଷ୍ଣ ପୂଜାରୀ ଓ ଅନ୍ୟ ପୂଜକ ରଘୁ , ନାରାୟଣ ପୂଜାରୀ ମୁଖ୍ୟ ମାଝୀ, ମହେନ୍ଦ୍ର ମାଝୀ, ପରଗଣିଆ ଗଣ୍ଡା ଉପସ୍ଥିତିରେ ପୋଡ଼ାଗଡ଼ ସେବାୟତ ଚାରିଟେବୁଲ ଟ୍ରଷ୍ଟ ମୁଖ୍ୟ ଉପଦେଷ୍ଟା କୈଳାସ ଚନ୍ଦ୍ର ବେହେରା ଉପସ୍ଥିତ ରହି ଦେବଦେବୀଙ୍କ ପୂଜାର୍ଚ୍ଚନା କରିଥିଲେ। ତେଯାନବେ ଗ୍ରାମର ପୂଜକ, ଶିରା, ଗୁଣିଆ ଉପସ୍ଥିତ ଥିଲେ। ଏ ବର୍ଷର ମଣ୍ଡେଇ ଫେବୃଆରୀ ୧୦ ରେ ଅନୁଷ୍ଠିତ ହେବ। ଫେବୃଆରୀ ୭ରେ କଳା ଭୈରବ ମନ୍ଦିରରେ ଫୁଲ ପିନ୍ଧନୀ ଯାତ୍ରା ଅନୁଷ୍ଠିତ ହେବ। ଫେବୃଆରୀ ୧୧ରେ ପାଞ୍ଚଦେଓ ଭଟ୍ଟାରେ ମଣ୍ଡେଇ ଉଦ୍‌ଯାପିତ ହେବ।

# ଖାଡ଼ାବାନ୍ତି ଆକ୍ରାନ୍ତଙ୍କୁ ଭେଟିଲେ, ସ୍ଥିତି ଅନୁଧ୍ୟାନ କଲେ ବିଧାୟକ



ବିଧାୟକ ଅନ୍ତେବାସୀଙ୍କ ସହ ଆଲୋଚନା କରୁଛନ୍ତି।

**ତେନ୍ତୁଲିଖୁଣ୍ଟି, ୨୫।୧ (ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ଖାତିଗୁଡ଼ା ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଖାଡ଼ାବାନ୍ତି ବ୍ୟାପିବା ଖବରପାଇ ବିଧାୟକ ଗୌରୀଶଙ୍କର ମାଝୀ ସେଠାରେ ପହଞ୍ଚି ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜାଣି ଖୁସି ବ୍ୟକ୍ତ କରିଥିଲେ। ବାହାରୁ ଖାଦ୍ୟ ପାର୍ସଲ ଅନ୍ତେବାସୀଙ୍କ ପାଖରେ ପହଞ୍ଚୁଥିବାରୁ ଏଭଳି ହୋଇଥାଇପାରେ ବୋଲି ଅଭିଯୋଗ ହୋଇଥିଲା। ବାହାର ଖାଦ୍ୟ ସମ୍ପୂର୍ଣ୍ଣ ବାରଣ କରିବାକୁ ଅଧ୍ୟକ୍ଷ ରତ୍ନାକର ସାହୁଙ୍କୁ କୁହାଯାଇଛି। ଖାଦ୍ୟରେ ପରିବର୍ତ୍ତନ, ମସଲା ଓ ଆମିଷ କମାଇବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଏଥିସହ ରୋଷେଇରେ ବ୍ୟବହୃତ ସାମଗ୍ରୀ ସବୁ ଦେଖିଥିଲେ। ସ୍ୱାସ୍ଥ୍ୟ ବିଭାଗ ଟିମ୍ ସହ ଆଲୋଚନା କରିଥିଲେ। ଶନିବାର ଗ୍ରାମୀଣ ଜଳ ଯୋଗାଣ ବିଭାଗ ସ୍କୁଲର ପାଣି ପରୀକ୍ଷା ପାଇଁ ନେଇଛନ୍ତି। ଖାଡ଼ା ବାନ୍ତିର କାରଣ ଅନୁଧ୍ୟାନ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ଟିମ୍ ପକ୍ଷର ସମସ୍ତ ଛାତ୍ରୀଛାତ୍ରଙ୍କ ଆଗୁଆ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ବିଧାୟକଙ୍କ ସହିତ ତେନ୍ତୁଲିଖୁଣ୍ଟି ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ପୂର୍ବତନ ମଣ୍ଡଳ ସଭାପତି ହରେକୃଷ୍ଣ ମୁଦୁଲି ଓ ଜିଲା କାର୍ଯ୍ୟକାରିଣୀ ସଭ୍ୟ ଧରଣୀଧର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ନିମ୍ନମାନର ଖାଦ୍ୟ ଓ ଖରାପ ତେଲ ବ୍ୟବହାର ଯୋଗୁ ଏପରି ଘଟିଥିବା କେତେଜଣ ଅଭିଭାବକ ଅଭିଯୋଗ କରିଛନ୍ତି। ଖାଦ୍ୟ, ପାନୀୟ ଜଳ ଓ ମଳ ପରୀକ୍ଷା ପରେ ଏହା ସ୍ପଷ୍ଟହେବ ବୋଲି ସେମାନେ କହିଛନ୍ତି।

# ଉମରକୋଟ ହସ୍ପିଟାଲରେ ରକ୍ତକେନ୍ଦ୍ର ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏମ୍‌ପି ବଳଭଦ୍ର ମାଝି, ଜିଲାପାଳ ଶୁଭଙ୍କର ମହାପାତ୍ର ଓ ଅନ୍ୟ ଅତିଥିମାନେ।

**ଉମରକୋଟ, ୨୫।୧ (ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଓଡ଼ିଶା ରକ୍ତ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ଉମରକୋଟ ପୌରାଧ୍ୟକ୍ଷା ରାଧା ଭତ୍ରା, ବ୍ଲକ୍ ଅଧ୍ୟକ୍ଷା ସୁଶୀଳା ମାଝୀ, ନବରଙ୍ଗପୁର ଜିଲାପାଳ ଶୁଭଙ୍କର ମହାପାତ୍ର, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ରକ୍ତ କେନ୍ଦ୍ର ଖୋଲିବା ଦ୍ୱାରା ୫ଟି ବ୍ଲକ୍ ଓ ପଡ଼ୋଶୀ ଛତିଶଗଡ଼ ଅଞ୍ଚଳର ଲୋକେ ଉପକୃତ ହୋଇପାରିବେ ବୋଲି ଅତିଥିମାନେ କହିଥିଲେ। ଭାଜପା ନିର୍ବାଚନୀ ପ୍ରତିଶ୍ରୁତି ରକ୍ଷା କରିଛି ବୋଲି ଏମ୍‌ପି କହିଛନ୍ତି। ରକ୍ତକେନ୍ଦ୍ର ପରିଚାଳନା ପାଇଁ ୯ ଜନ ସରକାରୀ କର୍ମଚାରୀ ନିୟୋଜିତ ହେବ। ଡାକ୍ତର ସବ୍ୟସାଚୀ ଦାସ ରକ୍ତ କେନ୍ଦ୍ରର ଦାୟିତ୍ୱରେ ରହିବେ ଏବଂ ଏହି କେନ୍ଦ୍ରରେ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ରକ୍ତ ଷ୍ଟୋରେଜ ରହିପାରିବ ବୋଲି ସୂଚନା ମିଳିଛି। ରକ୍ତ ଦରକାର ପଡ଼ିଲେ ୬୦ କି.ମି. ଦୂର ନବରଙ୍ଗପୁର ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରକ୍ତ ସଂଗ୍ରହ କରିବାକୁ ପଡୁଥିଲା। ଥାଲାସେମିଆ, ସିକଲ୍‌ସିଲ ରୋଗୀଙ୍କୁ ପ୍ରତି ମାସରେ ରକ୍ତ ଆବଶ୍ୟକତା ପଡୁଥିବାବେଳେ ଏବେ ସେମାନଙ୍କ ସମ୍ପର୍କୀୟମାନେ ଖୁସିବ୍ୟକ୍ତ କରିଛନ୍ତି। ପ୍ରଥମ ଦିନରେ ଏକ ରକ୍ତଦାନ ଶିବିର କରାଯାଇଥିଲା। ଏଠାରେ ପ୍ରାୟ ୮୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ସମସ୍ତ ରକ୍ତଦାତାଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉମରକୋଟ ବ୍ଲକ୍ ଉପାଧ୍ୟକ୍ଷ ଶ୍ୟାମଲ ସରକାର, ଭାଜପା ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ବିଜେଡି ନେତା ଦେବୀସିଂ ମାଝି, ଭାଜପା ନେତା ସନ୍ତୋଷ ମହାପାତ୍ର, ଗୋବିନ୍ଦ ଜୈନ, ରାମ ନାୟକ, ସୁଧୀର ପଣ୍ଡା, ସୁଶାନ୍ତ ପାଣି, ମିଲୁ ପଣ୍ଡା, ଅଶୋକ ସାହୁଙ୍କ ସହ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟାଧିକାରୀ ମଳୟ ରଞ୍ଜନ ତ୍ରିପାଠୀ, ଡା. ସୁମନ୍ତ ରାଉଳ, ସବ୍ୟସାଚୀ ଦାସ, ପାରା ନର୍ସିଂ ଷ୍ଟାପ୍, ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ। ବିଶ୍ୱଜିତ ସୁନା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଦିନେଶ ପ୍ରହରାଜ ମଞ୍ଚ ପରିଚାଳନା କରିଥିଲେ। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଉମରକୋଟ ଶାଖା ପକ୍ଷରୁ ଏକ ନୂତନ ଆମ୍ବୁଲାନ୍ସ ଉମରକୋଟ ହସ୍ପିଟାଲକୁ ଯୋଗାଇ ଦିଆଯାଇଛି।

# ମୋବାଇଲ, ଟଙ୍କା ଚୋରିରେ ୨ ନାବାଳକଙ୍କ ସମ୍ପୃକ୍ତି

**ତେନ୍ତୁଲିଖୁଣ୍ଟି, ୨୫।୧ (ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡ଼ା ଥାନା ନିକଟ ଦୁର୍ଗା ମଣ୍ଡପ ପରିସରରୁ ମୋବାଇଲ ଏବଂ ଟଙ୍କା ଚୋରି ଘଟଣାରେ ୨ଜଣ ନାବାଳକଙ୍କ ସମ୍ପୃକ୍ତି ରହିଛି। ଖାତିଗୁଡ଼ା ପୋଲିସ ସେମାନଙ୍କୁ ପଚରାଉଚରା କରିବା ପରେ ଘଟଣାରେ ତାଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଛି। ସେମାନଙ୍କଠାରୁ ୨ଟି ମୋବାଇଲ ଜବତ ହୋଇଛି। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କୁ ଭବାନୀପାଟଣସ୍ଥିତ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ଡିସେମ୍ବର ୧୨ ବିଳମ୍ବିତ ରାତିରେ ଇନ୍ଦ୍ରାବତୀ ଦୁର୍ଗାମଣ୍ଡପ ପରିସରରେ ବିଶ୍ୱନାଥ ସାହୁ, ସୁଦାମ ସାହୁ ଏବଂ ଜଗନ୍ନାଥ ସାହୁଙ୍କ ମୋବାଇଲ ସହ ଟଙ୍କା ଚୋରୀ ହୋଇଥିଲା। ଏ ନେଇ ସେମାନେ ଖାତିଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରୁଥିଲା।

# କୁଞ୍ଜ ବିହାରୀ ଦାଶ ଜିଲା ଭାଜପା ସଭାପତି

**ନବରଙ୍ଗପୁର, ୨୫।୧ (ସଦାଶିବ ପ୍ରହରାଜ)**



ନବରଙ୍ଗପୁର ଜିଲା ଭଜପା ସଭାପତିଭାବେ କୁଞ୍ଜବିହାରୀ ଦାଶଙ୍କୁ ମନୋନୀତ କରାଯାଇଛି। ଜିଲା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ସାଙ୍ଗଠନିକ କର୍ମଶାଳାର ଶେଷ ଦିବସରେ ଏହି ଘୋଷଣା କରାଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏମ୍‌ପି ବଳଭଦ୍ର ମାଝୀ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତରା ଉପସ୍ଥିତ ଥିଲେ। ଜିଲା ନିର୍ବାଚନ ଅଧିକାରୀ ହିମାଂଶୁ ମେହେର ଜିଲା ସଭାପତିଙ୍କ ନାମ ଘୋଷଣା ପରେ ସମସ୍ତ କର୍ମକର୍ତ୍ତା ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଦଳକୁ ତୃଣମୂଳସ୍ତରରୁ ସୁଦୃଢ଼ କରାଯିବ। ଏଥିସହ ଦଳରେ କୌଣସି କନ୍ଦଳ ନ ଥିବା ନୂତନ ଜିଲା ସଭାପତି କୁଞ୍ଜବିହାରୀ କହିଛନ୍ତି।

# କିଟ୍ କିସ୍ ପକ୍ଷରୁ ମିନି ମାରାଥନ



ଅତିରିକ୍ତ ଜିଲାପାଳ ପତାକା ଦେଖାଇ ମିନି ମାରାଥନ ଶୁଭାରମ୍ଭ କରୁଛନ୍ତି।

**ନବରଙ୍ଗପୁର, ୨୫।୧ (ସଦାଶିବ ପ୍ରହରାଜ)**

କିଟ୍ ଓ କିସ୍ ପକ୍ଷରୁ ସମସ୍ତଙ୍କ ପାଇଁ ଶିକ୍ଷାର ବାର୍ତ୍ତା ନେଇ ନବରଙ୍ଗପୁର ରାମମନ୍ଦିରରୁ ଶନିବାର ଏକ ମିନି ମାରାଥନ ବାହାରିଥିଲା। ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ସବୁଜ ପତାକା ଦେଖାଇ ଏହାର ଶୁଭରାମ୍ଭ କରିଥିଲେ। ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏହି ମିନି ମାରାଥନ ଆମ୍ବେଦକର ଛକ ସ୍ଥିତ ମହାରାଣୀ କ୍ଲବ୍ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଆୟୋଜିତ ଏକ ସଭାରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକଙ୍କ ସହ ଡିଇଓ ଛତ୍ରପତି ସାହୁ ଅତିଥିଭାବେ ଉପସ୍ଥିତ ଥିଲେ। ମାତ୍ର ୫ ହଜାର ଟଙ୍କାରେ ଆରମ୍ଭ ହେଇଥିବା କିଟ୍ ଓ କିସ୍ ଅନୁଷ୍ଠାନ ଏବେ ବିଶ୍ୱ ଦରବାରରେ ପରିଚିତ। ଏଠାରେ ୪୦ ହଜାରରୁ ଉର୍ଦ୍ଧ୍ୱ ପିଲା ମାଗଣାରେ ରହିବା ଖାଇବା ସହ ଅତ୍ୟାଧୁନିକ ଶିକ୍ଷା ବ୍ୟବସ୍ଥା ଭିତରେ ପଢୁଛନ୍ତି। ସମସ୍ତେ ଡ. ଅଚ୍ୟୁତ ସାମନ୍ତଙ୍କ ଜୀବନରୁ ଅନୁପ୍ରାଣିତ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମକୁ କିଟ୍ ଓ କିସ୍ ଜିଲା ସଂଯୋଜକ ଶିବାଶିଷ ବଳବନ୍ତ ପରିଚାଳନା କରିଥିଲେ।

# ହାର୍ଡୱେର ଦୋକାନରୁ ଚୋରି

**ପାପଡ଼ାହାଣ୍ଡି, ୨୫।୧ (ସ୍ୱପ୍ନଜିତ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ସଦର ବସ୍‌ଷ୍ଟାଣ୍ଡ ଛକର ବାଲଗୋପାଳ ହାର୍ଡୱେର ଦୋକାନରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନରୁ ୬ ବଣ୍ଡଲ କଣ୍ଟାତାର ଚୋରିକରି ନେଇଛନ୍ତି। ଚୋରି କରିବା ସମୟରେ ଦୁର୍ବୃତ୍ତମାନେ ସିସି କ୍ୟାମେରାରେ କପଡ଼ା ଢାଙ୍କି ଚାଲିଯାଇଛନ୍ତି। ଚୋରି ଜିନିଷ ଏକ କାର୍‌ରେ ନେଉଥିବା ବେଳେ ଅନ୍ୟ ଏକ ସିସି କ୍ୟାମେରାରେ ଏହା କଏଦ ରହିଛି। ଦୋକାନ ମାଲିକ ନିରଜ କୁମାର ସିଂ ଶନିବାର ପୂର୍ବାହ୍ନ ୧୦ଟାରେ ପାପଡ଼ାହାଣ୍ଡି ଥାନାରେ ଏତଲା ଦେବା ପରେ ପୋଲିସ କେସ୍ ନମ୍ବର ୧୫/୨୫ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଥାନାଧିକାରୀ ଦୀପକ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ୨ ଗିରଫ, ୧୧ ଲକ୍ଷ ୨୩ ହଜାର ଜବତ

## ବ୍ୟବସାୟୀ ସରୋଜ ମହାନ୍ତିଙ୍କ ଘରୁ ଲୁଟ୍ ଘଟଣା

**ନବରଙ୍ଗପୁର, ୨୫।୧ (ସଦାଶିବ ପ୍ରହରାଜ)**

ଗତ ୧୩ ତାରିଖ ସନ୍ଧ୍ୟାରେ ଦାରୁବନ୍ଧ ସାହି ବ୍ୟବସାୟୀ ସରୋଜ ମହାନ୍ତିଙ୍କ ଘରେ ତାଙ୍କ ସ୍ତ୍ରୀଙ୍କୁ ମାରଣାସ୍ତ୍ର ଦେଖାଇ ୧୮ ଲକ୍ଷ ଟଙ୍କା ଓ ୧୦ ଭରି ସୁନା ଅଳଙ୍କାର ଲୁଟ୍ ଘଟଣାରେ ନବରଙ୍ଗପୁର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗର ବୈଶିଙ୍ଗା ଅଞ୍ଚଳର ଚିନ୍ମୟ କୁମାର ସାହୁ(୩୭)। ସେ ନବରଙ୍ଗପୁର ସାନ ମସିଗାଁରେ ରହୁଥିଲେ। ଅନ୍ୟ ଜଣେ ଅଭିଯୁକ୍ତ ହେଲେ ନବରଙ୍ଗପୁର କେଉଟସାହିର ପରିବା ବ୍ୟବସାୟୀ ଶ୍ରୀମାନ୍ କୁମାର ଘଡ଼େଇ (୩୯)। ସେମାନଙ୍କଠାରୁ ୧୧ ଲକ୍ଷ ୨୩ ହଜାର ଟଙ୍କା, ଚୋରିରେ ବ୍ୟବହୃତ ବାଇକ୍ (ଓଡି-୨୪କେ-୨୯୨୪), ଗୋଟିଏ ସୁନାଚେନ୍, ମୁଦି, ଛୁରି, ଟଙ୍କା ରହିଥିବା ବ୍ୟାଗ୍ ଓ ୩ଟି ମୋବାଇଲ ଜବତ କରାଯାଇଥିବା ଶନିବାର ମଧ୍ୟାହ୍ନ ୧୨ଟାରେ ଏସ୍‌ପି ମିହିର କୁମାର ପଣ୍ଡା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ଲୁଟ୍ ପରେ ବାଙ୍ଗାପାଲି ଜଙ୍ଗଲକୁ ଯାଇ ସମାନ ଭାବରେ ଟଙ୍କା ଭାଗକରି ନେଇଥିବା ଏସ୍‌ପି ସୂଚନା ଦେଇଛନ୍ତି। ଅତିରିକ୍ତ ଏସ୍‌ପି ଆଦିତ୍ୟ ସେନ, ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତରା, ଥାନା ଅଧିକାରୀ ସମ୍ବିତ କୁମାର ବେହେରା, ଏସ୍‌ଆଇ ଦେବାଶିଷ ସାହୁ, ସବୀର ଅହମ୍ମଦ ଓ ଏଏସ୍‌ଆଇ ତୁଳସୀରାମ ପୂଜାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ୨ଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ପଚରାଉଚରା କରିବା ପରେ ମୁଖ୍ୟ ଅଭିଯୁକ୍ତ ତଥା ମାଷ୍ଟର ମାଇଣ୍ଡ ଶ୍ରୀମାନ ଓ ଚିନ୍ମୟଙ୍କୁ ପୋଲିସ ଗିରଫ କରିଥିଲା। ଅଭିଯୁକ୍ତମାନେ ଚୋରି ଟଙ୍କାରୁ ୧ ଲକ୍ଷ ୫୭ ହଜାର ଟଙ୍କା ଖର୍ଚ୍ଚ କରିବା ସହ ୭୯ ହଜାର ଟଙ୍କା ଦେଇ ୩ଟି ମୋବାଇଲ କିଣିଥିଲେ। ୫୦ ହଜାର ଟଙ୍କା ଫାଇନାନ୍ସରେ ଜମା କରିଥିଲେ। ତେବେ ଫାଇନାନ୍ସ ବିଭାଗକୁ ଟଙ୍କା ଫେରସ୍ତ ପାଇଁ ପୋଲିସ ଚିଠି କରିଥିବା ଏସ୍‌ପି ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ୧୩ ତାରିଖରେ ସରୋଜ ମହାନ୍ତି ଘରେ ନ ଥିବାବେଳେ ୨ ଜଣ ମୁଖାପିନ୍ଧା ଯୁବକ ଘରେ ପଶି ସ୍ତ୍ରୀ ଅମିତାଙ୍କ ମୁହଁକୁ ଟିପି ପାଟି ବାନ୍ଧି ଦେଇଥିଲେ। ତାଙ୍କ ବେକରେ ଛୁରି ଲଗାଇ ଆଲମାରିରୁ ସୁନା ଓ ଟଙ୍କା ନେଇଯାଇଥିଲେ। ବ୍ୟବସାୟୀ ସରୋଜ ଘରକୁ ଆସି ଘଟଣା ସମ୍ପର୍କରେ ଜାଣିବା ପରେ ନବରଙ୍ଗପୁର ଥାନାରେ ଏତଲା ଦେଇଥିଲେ। ପ୍ରାୟ ୧୮ ଲକ୍ଷ ଟଙ୍କା ଓ ଗହଣା ଚୋରି ହୋଇଥିବା ଏତଲାରେ ଉଲ୍ଲେଖ କରିଥିଲେ। ଡକାୟତି ସମୟରେ ଅଭିଯୁକ୍ତମାନେ କଥା ହେଉଥିବାବେଳେ କେହି ଚିହ୍ନା ଲୋକ ବୋଲି ଅମିତା ଜାଣିଥିଲେ। ଏ କଥା ସେ ପୋଲିସକୁ ଜଣାଇଥିଲେ। ଏହି ତଥ୍ୟ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଆଦିତ୍ୟ ସେନ, ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା, ନବରଙ୍ଗପୁର ଥାନାଧିକାରୀ ସମ୍ବିତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏସ୍‌ପି ମିହିର କୁମାର ପଣ୍ଡା ସୂଚନା ଦେଉଛନ୍ତ।

# ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଶେଷଜ୍ଞ ନିଯୁକ୍ତି ଦାବି

ରାୟଗଡ଼ା,୨୫।୧
(ଆଶିଷ ରଞ୍ଜନ ପଣ୍ଡା)


ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ପ୍ରେସ କ୍ଲବ ସଦସ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ସ୍ୱାସ୍ଥ୍ୟସେବାରେ ଉନ୍ନତି ଓ ବିକାଶ ପାଇଁ ରାୟଗଡ଼ାକୁ ସାଧାରଣତନ୍ତ୍ର ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଆସିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଶନିବାର ରାତି ପ୍ରାୟ ୮ଟାରେ ସର୍କିଟ୍ ହାଉସ୍‌ରେ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ପ୍ରେସ୍ କ୍ଲବ କର୍ମକର୍ତ୍ତା । ରାୟଗଡ଼ା ଏକ ଆଦିବାସୀ ବହୁଳ ଜିଲା ହୋଇଥିବା ବେଳେ ଏଠାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକୀୟ ଭିତ୍ତିଭୂମିର ଅଭାବ ସାଙ୍ଗକୁ ବିଶେଷଜ୍ଞ ନାହାନ୍ତି। ଫଳରେ ଜିଲାବାସୀ ବ୍ରହ୍ମପୁର, କଟକ ସମେତ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଓ ବିଶାଖାପାଟଣା ଉପରେ ନିର୍ଭର କରୁଛନ୍ତି । ବିଶେଷ ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶଲ୍ୟ ବିଶେଷଜ୍ଞ, ନେଫ୍ରୋଲୋଜି, ନ୍ୟୁରୋଲୋଜି ବିଶେଷଜ୍ଞଙ୍କ ଆବଶ୍ୟକତା ରହିଛି । ଦାବିପତ୍ର ପାଇବା ପରେ ଏନେଇ ରାୟଗଡ଼ା ସିଡିଏମ୍‌ଓ ଡ.ଲାଲମୋହନ ରାଉତରାୟଙ୍କୁ ଡାକି ଆଲୋଚନାକରି ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ମହାଲିଙ୍ଗ ପ୍ରତିଶ୍ରୁତି ଦେଇଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ପ୍ରେସ୍ କ୍ଲବ୍ ସଭାପତି ଯୋଗେଶ୍ୱର ଦାସ, ସମ୍ପାଦକ ରଞ୍ଜନ ରଥ, ଉପସଭାପତି ସିଏଚ୍‌ଶ୍ରୀନିବାସ, ବରିଷ୍ଠ ସଦସ୍ୟ ସଂଗ୍ରାମ କେଶର ପଟ୍ଟନାୟକ, ଗୋପରଞ୍ଜନ ବକ୍ସିପାତ୍ର, କେ. ନୀତିନ ଚୌଧୁରୀ, ସନ୍ତୋଷ ସାହୁ, ସୁଶାନ୍ତ ଦାସ, ଶିବସାଇ ବକ୍ସିପାତ୍ର, ଗୋପାଳ ଅଧିକାରୀ, ଶ୍ରୀନିବାସ ଓ ସୁବ୍ରତ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜଙ୍ଗଲ ନିଆଁ ନିବାରଣ ସଚେତନତା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ବନ ବିଭାଗ କର୍ମଚାରୀ ଓ ଛାତ୍ରୀଛାତ୍ର।

ମୁନିଗୁଡ଼ା,୨୫।୧ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡା ମୁନିଗୁଡା ରେଞ୍ଜ ଅଧୀନସ୍ଥ ଶିବପଦରର ବନମାଳୀ ଶିକ୍ଷା ନିକେତନ ପରିସରରେ ଜଙ୍ଗଲରେ ନିଆଁ ନିବାରଣ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଫରେଷ୍ଟର ପ୍ରମୋଦିନୀ ମାଣ୍ଡାଙ୍ଗୀ ଓ ରୋନିତ ମହାରଣାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଅତିଥିଭାବେ ମୁନିଗୁଡ଼ା ରେଞ୍ଜର ଅନିଲ କୁମାର ବାଲା, ସରପଞ୍ଚ ପ୍ରକାଶ କରସିକାଙ୍କ ଉପସ୍ଥିତ ଥିଲେ। ବନମାଳୀ ଶିକ୍ଷା ନିକେତନର ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଜଙ୍ଗଲରେ ନିଆଁ ଲଗାନ୍ତୁ ନାହିଁ, ଜଙ୍ଗଲରେ ନିଆଁ ଲଗାଇବା ଅପରାଧ, ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା ଆଦି ସଚେତନତା ସ୍ଲୋଗାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ଅନେକ ଗଜସାଥୀ ଓ ଜନସାଧାରଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜଙ୍ଗଲ ବିଭାଗର ଅହଲ୍ୟା ପାତ୍ର, ସୁଦର୍ଶନା ବିଶ୍ୱାଳଙ୍କ ସମେତ ଅନ୍ୟ କର୍ମଚାରୀମାନେ ପରିଚାଳନା କରିଥିଲେ।

# ଅଣ୍ଡା ତରକାରି ପଡ଼ି ୧ମଶ୍ରେଣୀ ଛାତ୍ର ଗୁରୁତର

ରାୟଗଡ଼ା,୨୫।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍‌ମାଝିଗୁଡା ପଞ୍ଚାୟତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଥମ ଶ୍ରେଣୀ ଛାତ୍ରଙ୍କ ଉପରେ ଅଣ୍ଡା ତରକାରି ପଡ଼ିଯିବାରୁ ସେ ଗୁରୁତର ହୋଇଛନ୍ତି। ଆହତ ଛାତ୍ର ଜଣକ ହେଲେ ପହାନ ମହାନନ୍ଦିଆ(୬)। ଶନିବାର ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ସାଧାରଣତନ୍ତ୍ର ଦିବସ ପାଇଁ ବ୍ୟସ୍ତ ଥିବା ବେଳେ ମଧ୍ୟାହ୍ନଭୋଜନ ପାଇଁ ପିଲାମାନେ ଧାଡ଼ି ବାନ୍ଧି ଠିଆ ହୋଇଥିଲେ। ଖାଇବା ନେବା ପାଇଁ ଧାଡ଼ିରେ ଠିଆ ହୋଇଥିବା ପିଲାମାନେ ଠେଲାପେଲା ହେବାରୁ ପହାନ ତଳେ ପଡ଼ିଯିବାରୁ ତାଙ୍କ ଉପରେ ଅଣ୍ଡା ତରକାରି ପଡ଼ିଯାଇଥିଲା । ଫଳରେ ତାଙ୍କ ଶରୀରର କିଛି ଅଂଶ ପୋଡ଼ିଯାଇଛି। ପରିବାରବର୍ଗ ଖବର ପାଇବା ପରେ ପୁଅକୁ ମାଝିଗୁଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଥିଲେ। ପରିବାରବର୍ଗ ପହାନଙ୍କୁ ରାୟଗଡ଼ା ଆଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି । ଏହି ଘଟଣାକୁ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ କମଳେନ୍ଦୁ ରାଇନାଙ୍କୁ ପଚାରିବାରୁ ପିଲାମାନେ ଲାଇନ୍‌ରେ ଥିଲେ। ପଛପଟ କେହି ପିଲା ଠେଲିଦେବାରୁ ପ୍ରଥମେ ଏକ ପିଲାରେ ବାଜି ଗରମ ଡାଲି, ଅଣ୍ଡାଝୋଳ ପଡ଼ିଗଲା ବୋଲି ସେ କହିଛନ୍ତି ।






